

ଖୋର୍ଦ୍ଧାରେ ବିଶ୍ୱ ମାତୃଭାଷା ଦିବସ ପାଳିତ

ଖୋର୍ଦ୍ଧା, ୨୧/୦୨, ଖୋର୍ଦ୍ଧା ନବୀନାବାଗସ୍ଥିତ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧା ଗୀତାଭବନ ପରିସରରେ ଆଜି ପୂର୍ବାହ୍ନ ୧୦ଟାରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସଂସଦର ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ଅଧ୍ୟକ୍ଷତାରେ ତଥା ସମ୍ପାଦକ ନାରାୟଣ ଦାସଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ଡ. ଶରଚ୍ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିରୂପେ ଯୋଗଦେଇ କହିଥିଲେ ମାତୃଭୂମିର ଭାଷା ହିଁ ମାତୃଭାଷା। ଭାଷା ଭିତ୍ତିରେ ଓଡ଼ିଶା ରାଜ୍ୟ ଗଠିତ ହୋଇଥିଲା। ଏପରିକି ଓଡ଼ିଆକୁ ୧୯୫୪ରେ ନବକୃଷ୍ଣ ଚୌଧୁରୀ ସରକାରୀ ଭାଷା ରୂପେ ପ୍ରଣୟନ କରିଥିଲେ। ସେହିଦିନୁ ଏହା କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଆମାନେ ଦୀର୍ଘ ୬୪ ବର୍ଷ ଧରି ଚିତ୍କାର କରୁଛନ୍ତି। ଅଥଚ ଭାଷା ସ୍ୱାଭିମାନ ନଥିବାରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଆଜି ବିଶ୍ୱ ମାତୃଭାଷା ଦିବସ ଅବସରରେ ପ୍ରତ୍ୟେକ ସ୍ୱାଭିମାନୀ ଭାଷା ପାଇଁ ଦୃଢ଼ ସଂକଳ୍ପ ନିଅନ୍ତୁ। ମୁଖ୍ୟବକ୍ତା ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ସଭାପତି ଶକ୍ତି ଶଙ୍କର ମିଶ୍ର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ବହୁ ଉଦାହରଣ ଦେଇ ସେହି ଯୋଗଜନ୍ମା ମହାପୁରୁଷଙ୍କର ଶହେ ଭାଗରୁ ଏକ ଭାଗ ଯଦି ମନୋଭାବ ଓଡ଼ିଆ ରାଜନେତାମାନଙ୍କର ଥାଆନ୍ତା, ତେବେ ଓଡ଼ିଆରେ କୋଟ କଚେରୀ, ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା କାର୍ଯ୍ୟକାରୀ ହୋଇସାରିଥାନ୍ତା ବୋଲି କହିଥିଲେ। ଭାଷା ପାଇଁ ଜନ ସଚେତନତା ଓ ବ୍ୟାପକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି 'ଆମରିସତ୍ୟ'ର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ କହିଲେ ମାତୃଭାଷାରେ ଶିଶୁ ଦକ୍ଷହେଲେ ଅନ୍ୟଭାଷାରେ ମଧ ଦକ୍ଷ ହୋଇପାରିବ। ମାତୃଭାଷା ଉପରେ ଏକ ତଥ୍ୟମୂଳକ ବିବରଣୀ ପ୍ରଦାନ କରିବା ସହିତ ଓଡ଼ିଆ ଭାଷାର ବିକାଶ ଓ ସମୃଦ୍ଧି ପାଇଁ ପ୍ରତ୍ୟେକ ଚିନ୍ତା କରିବା ଆବଶ୍ୟକ ବୋଲି କହିଥିଲେ। ଆଜିର ସମ୍ବର୍ଦ୍ଧିତ ପ୍ରତିଭା ବର୍ଷିଆନ ଶିକ୍ଷାବିତ୍ ତଥା ସମାଜସେବୀ ଭୀମସେନ ପ୍ରଧାନ ନିଜ ଅନୁଭୂତିରେ ଗଜପତି, ନୂଆପଡ଼ା, ନବରଙ୍ଗପୁର ଜିଲାର ଉପାନ୍ତ ଅଂଚଳର ଓଡ଼ିଆ ଭାଷା ହଜି ହଜି ଯାଉଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ଓଡ଼ିଶାର ୧୯୮ଟି ଗାଁ ଆଜି ପଶ୍ଚିମ ବଙ୍ଗ, ଛତିଶଗଡ଼ ଓ ଆନ୍ଧ୍ର କବ୍‌ଜାରେ ତଥା ବିବାଦମାନ ଅବସ୍ଥାରେ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦିବ୍ୟଲୋଚନ ଭାରିମଲ୍ଲ, ଡ. ସୁରେଶ ଚନ୍ଦ୍ର ଛୋଟରାୟ, ସୌଦାମିନୀ ପଟ୍ଟନାୟକ, ଶ୍ରୀମତୀ ଇତିଶ୍ରୀ ସାହୁ, ସାଧୁ ଚରଣ ମହାଲିକ, ଗୁରୁଚରଣ ମହାପାତ୍ର, ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଚନ୍ଦନ ରାଉତରାୟ, ସୁଦର୍ଶନ ସାହୁ, ଲଲାଟେନ୍ଦୁ ପଣ୍ଡା, ଡ. ବୃନ୍ଦାବନ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ହୋତା, ବିଳାସିନୀ ଦାଶ, ବିକ୍ରମକେଶରୀ ଚମ୍ପତି, ସୌଦାମିନୀ ମହାରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗୋବିନ୍ଦ ଚନ୍ଦ୍ର ମହାରଣା ଓ ନୀଳାଦ୍ରି ଜଗଦେବଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଭୀମସେନ ପ୍ରଧାନଙ୍କୁ ସଂସଦ ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଷ୍ଣୁପ୍ରିୟା ଚହଟରାୟ ସ୍ୱାଗତ ଭାଷଣ, ଜ୍ଞାନ ରଂଜନ ଦାଶ ଅତିଥି ପରିଚୟ ଓ ସମ୍ପାଦନ ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।

ସମସ୍ୟା ଘେରରେ ଜେନାପୁର ଉପଡାକଘର

ସରକାରଙ୍କ ଦୃଷ୍ଟି ପଡିବ କେବେ ?

ଜେନାପୁର (ନି.ପ୍ର) ୨୧/୦୨ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଉପଡାକଘର ବର୍ତ୍ତମାନ ନାନାଦି ସମସ୍ୟା ଲାଗି ରହିଛି। ଫଳସ୍ୱରୁପ ଜନ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବ୍ରିଟିଶ ଅମଳରୁ ଏହା ଜଳସେଚନ ବିଭାଗର ଗୃହରେ ଭଡା ସୂତ୍ରରେ ଚାଲି ଆସୁଥିଲେ ମଧ ଏଠାରେ ଅଦ୍ୟାବଧି ଡାକଘରର କର୍ମଚାରୀ ଓ ଗ୍ରାହକମାନଙ୍କ ପାଇଁ କୌଣସି ସୁବ୍ୟବସ୍ଥା କରାଯାଇନାହିଁ। ଏଠାରେ କର୍ମଚାରୀମାନଙ୍କ ପାଇଁ ଏକ ଶୌଚାଳୟର ନିହାତି ଆବଶ୍ୟକ ଥିଲେ ମଧ ତାହା ନ ଥିବାରୁ ଜରୁରୀ ସମୟରେ ବାହାରୁ ଆସୁଥିବା କର୍ମଚାରୀମାନେ ଦହଗଞ୍ଜ ହେବାରେ ଲାଗିଛନ୍ତି। ରହିବାର କୌଣସି ସୁବିଧା ନ ଥିବାରୁ ବିଭିନ୍ନ ସମୟରେ ସେମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣରେ ଡାକ ବିଭାଗ ଏକ ବିଶ୍ୱସ୍ତ ସଂସ୍ଥା ଭାବେ ପରିଚିତ, ହେଲେ ଗ୍ରାହକମାନଙ୍କର ବସିବା ଓ ଲେଖିବା ପାଇଁ ଏହା ମଧରେ ଗୋଟିଏ ଭଲ ଜାଗା ନାହିଁ। ଡାକଘରର ଆଜ୍‌ବେଷ୍ଟସ୍ ଠିକ୍ ଭାବେ ମରାମତି ହୋଇ ନ ଥିବାରୁ ବର୍ଷାଦିନେ ବହୁବାର ପାଣିଗଳି କାର୍ଯ୍ୟାଳୟର ଦରକାରୀ କାଗଜପତ୍ର ସବୁ ନଷ୍ଟହୋଇ ଯାଉଥିବା ଦେଖିବାକୁ ମିଳୁଛି। ପୁଣି ଡାକ ପରିସରର ପଛ ପାର୍ଶ୍ୱ ଅନାବନା ଗଛରେ ପରିପୂର୍ଣ୍ଣ ହୋଇଛି ଯାହାଦ୍ୱାରା ଏହା ଭୟଙ୍କର ସରୀସୃପ ପ୍ରାଣୀଙ୍କ ଏକ ଆବାସସ୍ଥଳୀ ରୂପେ ପରିଣତ ହୋଇଛି। ଏତିକିବେଳେ କର୍ମଚାରୀ ମାନେ ଏହା ମଧରେ ରହିବାକୁ ଆଦୌ ସୁରକ୍ଷିତ ମଣୁନାହାନ୍ତି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ କାର୍ଯ୍ୟ କ୍ଷେତ୍ରରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି। ଅଧିକାଂଶ ସମୟ କମ୍ପ୍ୟୁଟର ଅଚଳ ରହୁଛି। ଗ୍ରାହକମାନେ ଉପଯୁକ୍ତ ସେବା ନ ପାଇ ଘରକୁ ନିରାଶ ହୋଇ ଫେରୁଥିବାର ଲକ୍ଷ୍ୟ କରାଯାଉଛି।

ଗୁରୁତର ନବଜାତ ଶିଶୁ ମୃତ୍ୟୁ ମାମଲା

ଓମ୍ ଆପୋଲୋ ହସ୍ପିଟାଲ ସିଲ୍

ରାଉରକେଲା, ୨୧/୨: ସିଭିଲ ଟାଉନସିପ ସ୍ଥିତ ଓମ ଆପୋଲୋ ହସ୍ପିଟାଲରେ ଗତ ୧୭ ତାରିଖ ଦିନ ନିଆଁ ଲାଗିବା ଘଟଣାରେ ଗୁରୁତର ହୋଇଥିବା ନବଜାତ ଶିଶୁର ମୃତ୍ୟୁ ହୋଇଯାଇଛି। ଏ ନେଇ ଆଜି ହସ୍ପିଟାଲରେ ଉତେଜନା ପ୍ରକାଶ ପାଇଥିଲା। ଦେଓଗାଁ ବାସିନ୍ଦା ମାନେ ଡକ୍ଟର ଓ ନର୍ସଙ୍କୁ ଗିରଫ ସହ ହସ୍ପିଟାଲ ସିଲ କରିବାକୁ ଦାବି କରିଥଲେ। ଘଟଣା ସ୍ଥଳରେ ପାନପୋଷ ଉପ ଜିଲ୍ଲାପାଳ ହିଂମାଂଶୁ ଶେଖର ବେହେରା ପହଚିଂ ଆଲୋଚନା କରିଥିଲେ। ମାତ୍ର କୌଣସି ସମାଧାନ ହୋଇପାରି ନଥିଲା। କାରଣ ଶିଶୁର ଶବ ଆସି ପହଚିଂ ନଥିଲା। ଅପରାହ୍ନ ପ୍ରାୟ ୫ଟା ବେଳେ ପ୍ରଶାସନ ପକ୍ଷରୁ ହସ୍ପିଟାଲ ସିଲ୍ କରାଯାଇଥିଲା। ଶିଶୁକୁ ଭୁବନେଶ୍ୱର ସମ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ବେଳେ ଗତକାଲି ରାତିରେ ମୃତ୍ୟୁ ହୋଇଯାଇଥିଲା। ପ୍ରକାଶ ଥାଉ କି, ଉକ୍ତ ଦିନ ଭୋର ପ୍ରାୟ ୫ଟା ବେଳେ ଏହି ଘଟଣା ଘଟିଥିଲା। ଦେଓଗାଁ ନିବାସୀ ମନୋଜ କୁମାର ଦାସଙ୍କ ପତ୍ନୀ ରଶ୍ମିତା ଦାସ ଗତ ରବିବାର ଅର୍ଥାତ ୧୧ ତାରିଖରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ଶିଶୁକୁ ଜଣ୍ଡିସ ହୋଇଥିବା ଯୋଗୁଁ ଫଟୋଥେରାପିରେ ରଖାଯାଇଥିଲା। ଶିଶୁର ଚିକିତ୍ସା ଜାରି ରହିଥିଲା। ହଠାତ୍ ମେସିନର ଟ୍ୟୁବଲାଇଟ ସର୍ଟ ସର୍କିଟ ହୋଇ ନିଆଁ ଲାଗିଥିଲା। ଫଳରେ ଶିଶୁ ଜଳିଯାଇଥିଲା। କର୍ମଚାରୀ ପାଣି ଓ ଅଗ୍ନି ନିର୍ବାପକ ଯନ୍ତ୍ର ସହାୟତାରେ ନିଆଁକୁ ଆୟତ କରିଥିଲେ। ଶିଶୁକୁ ଉଦ୍ଧାର କରାଯାଇ ଅସ୍ଥା ଓ ପରେ ଆଇଜିଏଚକୁ ପଠାଯାଇଥିଲା। ତା ଅବସ୍ଥା ଅଧିକ ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପଟେ ଶିଶୁର ୮୦% ଭାଗ ଜଳି ଯାଇଥିଲା। ଆଜି ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଖବର ଲେଖାହେବା ଯାଏଁ ଶିଶୁର ଶବ ଆସି ପହଚିଂ ପାରି ନଥିଲା।

ଛାତ୍ରିକୁ ଅସଦାଚରଣ କରି ଯୁବକ ଗିରଫ

ବାଲେଶ୍ୱର-୨୧/୨:ଏଠାରୁ ପ୍ରାୟ ୪୦ କିମି ଦୁର ସୋର ଥାନା କେଶରୀପୁର ବାଗଦା ଗ୍ରାମର ରମାକାନ୍ତ ଦାସ (୨୯) ନାମକ ଜଣେ ଯୁବକ ରାସ୍ତାରେ ଯାଉଥିବା ଜଣେ ୮ମ ଶ୍ରେଣି ଛାତ୍ରି ପ୍ରତି ଅସଦାଚରଣ କରିବା ଘଟଣାରେ ପୋଲିସ ଦ୍ୱାରା ଗିରଫ ହୋଇଥିବା ଜଣାପଡିଛି। ଏ ବାବଦରେ ଥାନା ପକ୍ଷରୁ କେସ୍ ନମ୍ବର ୬୬-୨୦୧୮ ମୁଳେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ ଛାତ୍ରି ଜଣକ ବିଦ୍ୟାଳୟରୁ ଫେରୁଥିବା ବେଳେ ରମାକାନ୍ତ ତାଙ୍କ ପ୍ରତି ଅସଦାଚରଣ କରିଥିଲେ। ଛାତ୍ରିଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଘଟଣା ସ୍ଥଳରେ ପହଂଚି ରମାକାନ୍ତଙ୍କୁ ଧରି ବାନ୍ଧି ପକାଇବା ସହ ମାଡ ମାରିଥିଲେ। ଖବର ପାଇ ସୋର ପୋଲିସ୍ ଘଟଣା ସ୍ଥଳରେ ପହଂଚି ରମାକାନ୍ତଙ୍କୁ ଧରି ଥାନାକୁ ନେଇ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରିଛନ୍ତି।

ମଦ୍ରାସା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାସ୍ତରୀୟ ସୃଜନ କାର୍ଯ୍ୟକ୍ରମ

କେନ୍ଦ୍ରାପଡା ୨୧/୨- ଜିଲ୍ଲା ସର୍ବଶିକ୍ଷା ଅଭିଯାନ ଓ କେନ୍ଦ୍ରାପଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଟାଉନହଲ୍ ପରିସରରେ ମାଦ୍ରାସା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାସ୍ତରୀୟ ପ୍ରତିଭା ବିକାଶ କାର୍ଯ୍ୟକ୍ରମ (ସୃଜନ) ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ଶିକ୍ଷା ଅଧିକାରୀ ସୁକାନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସର୍ବଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ତଥା ଉପଜିଲ୍ଲାପାଳ ଡଃ. କାହ୍ନୁ ଚରଣ ଧୀର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡା ବି.ଆର୍.ସି.ସି ଅଜୟ କୁମାର ପରିଡା, ସିଆରସିସି ବଳଦେବ ପ୍ରସାଦ ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ଜିଲ୍ଲାର ସମସ୍ତ ମାଦ୍ରାସାର ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳାର ସହିତ ଅଧ୍ୟୟନ କଲେ ଜୀବନରେ ବଡ ମଣିଷ ହୋଇପାରିବ ବୋଲି କହିବା ସହିତ ପିତାମାତା, ଗୁରୁଜନ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଉପଦେଶମାନିଲେ ଜୀବନରେ ସଫଳକାମୀ ହୋଇପାରିବେ ବୋଲି ବକ୍ତବ୍ୟ ରଖିଥିଲେ। ପାଠପଢା ସହିତ ବିଭିନ୍ନ କ୍ରିଡା ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଜିଲ୍ଲାର ବିଭିନ୍ନ ମାଦ୍ରାସାର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ସଂଗୀତ, ନୃତ୍ୟ, କୁଇଜ୍ ,ସାଧାରଣ ଜ୍ଞାନ,ଚିତ୍ରାଙ୍କନ,ହସ୍ତକଳା ପ୍ରଭୃତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ବିଆରସିସି ଅଜୟ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ବିଆରସିସି ପ୍ରଦୀପ କୁମାର ସାମନ୍ତରାୟ, ସିଆରସିସି ବଳଦେବ ପ୍ରସାଦ ଜେନା ଓ କେନ୍ଦ୍ରାପଡା ସହରର ଦିଳାରପୁର ଇସଲାମିଆ ଆରବିଆର ଶିକ୍ଷକ ସୟଦ୍ ଅକ୍ତର ଅଲ୍ଲୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ରଣପଡାର ବାହାରୁଲ ଓଲୁମ୍ ମାଦ୍ରାସାର ଶିକ୍ଷକ ମହମ୍ମଦ ଅବଦୁଲ ସଲାମ୍ ଧନ୍ୟବାଦ ଅର୍ପଣ କରିଥିଲେ। ସେକ୍ ଫାୟାଜଉଦ୍ଦିନ୍, ରାଜେନ୍ଦ୍ର ପ୍ରସାଦ ରାଉତ, ଅଜଗର ଅଲ୍ଲୀ, ମହମ୍ମଦ ଜଲାଲଉଦ୍ଦିନ୍, ମନସୁର ଅଲ୍ଲୀ ଓ ଫେ୍ରଜର ବାଳିକା ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟତ୍ରୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ବଜେଟ୍‌କୁ ବିରୋଧ କରି ଅଙ୍ଗନୱାଡି ସଂଘ ପାଳିଲେ କଳାଦିବସ

ଜଗତସିଂହପୁର, ୨୧/୨(ନିପ୍ର) ଆଜି ଆଲ୍ ଓଡିଶା ଲେଡିଜ୍ ଅଙ୍ଗନୱାଡି ସଂଘ, କେନ୍ଦ୍ର ସରକାରଙ୍କ ବଜେଟ୍ କୁ ବିରୋଧ କରି ଜଗତସିଂହପୁର ଆଇ.ସି.ଏସ୍ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରିବା ସହିତ କଳାବ୍ୟାଚ ପରିଧାନ କରି କଳା ଦିବସ ପାଳିଥିବା ଜଣାଯାଇଛି। ଜିଲ୍ଲା ସଂଘର ସଭାନେତ୍ରୀ ସଞ୍ଜୁବାଳା ନାୟକ ଓ ସମ୍ପାଦିକା ପ୍ରତିମା ବେହେରାଙ୍କ ନେତୃତ୍ୱରେ ଜଗତସିଂହପୁର ବ୍ଲକ ଓ ପୌରପରିଷଦ ନେତ୍ରୀ ଅମ୍ବିକା ମହାନ୍ତି, ସୌଦାମିନି ତ୍ରିପାଠୀ, ରୀନା ସ୍ୱାଇଁ, କାଜଲ ରେଖା ମହାନ୍ତି, ପ୍ରେମଲତା ସାହୁ, ମିନର୍ଭା ଦାଶଙ୍କ ସହିତ ସମସ୍ତ କର୍ମୀ ଓ ସହାୟୀକା ମାନେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିବା ଯଥା- ଅଙ୍ଗନୱାଡି କର୍ମୀ ଓ ସହାୟୀକା ମାନଙ୍କୁ ସରକାରୀ ମାନ୍ୟତା, ଲେବର ଆକ୍ଟ ଅନୁସାରେ ୧୮ ହଜାର ଟଙ୍କ ଦରମା, ପ୍ରୋଭିଡେଣ୍ଟ ଫଣ୍ଡ ଓ ଅନ୍ୟାନ୍ୟ ୧୦ଦଫା ଦାବି କରି ଆଶୁଥିଲେ ମଧ୍ୟ କେନ୍ଦ୍ର ସରକାର ଉକ୍ତ ଦାବିକୁ ବଜେଟ୍ ରେ ଅଣଦେଖା କରିବା ନେଇ କର୍ମୀ ଓ ସହାୟୀକା ମାନଙ୍କ ମଧ୍ୟରେ ଆନ୍ଦୋଳନ ଦେଖା ଦେଇଛି। ଅନ୍ୟାନ୍ୟ ରାଜ୍ୟ ମାନଙ୍କରେ କେନ୍ଦ୍ର ସରକାର ଏହି ଦାବି ମାନି ନେଇଥିବା ବେଳେ, ଓଡିଶା ପ୍ରତି ଅଣ ଦେଖା କରାଯାଇ ଥିବା ନେଇ ସଂଘର ସମସ୍ତ ସଦସ୍ୟାମାନେ କଳା ବ୍ୟାଚ ପିନ୍ଧି ସରକାରଙ୍କୁ ବିରୋଧ କରିଛନ୍ତି। କେନ୍ଦ୍ର ସରକାର ଯଦି ଅଙ୍ଗନୱାଡି କର୍ମୀ ମାନଙ୍କ ଦାବିକୁ ତୁରନ୍ତ ସମାଧାନ ନକଲେ ଆଗାମି ସାଧାରଣ ନିର୍ବାଚନରେ ଉଚିତ ଜବାବ ଦେବେ ବୋଲି ଚେତାବନୀ ପ୍ରଦାନ କରିଥିଲେ। କମ୍ ପାରିଶ୍ରମରେ କେନ୍ଦ୍ର ସରକାର ସେମାନଙ୍କୁ ଆବଶ୍ୟକତା ଠାରୁ ଅଧିକ ଖଟାଇ କାର୍ଯ୍ୟ ହାସଲ କରୁଥିବା ନେଇ ସଂଘର ନେତାମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଘୋର ବିରୋଧ କରିଥିଲେ। ଶେଷରେ ଏ ସକ୍ରାନ୍ତିୟ ଏକ ଦାବି ପତ୍ରକୁ ତୁରନ୍ତ ସମାଧାନ ନିମନ୍ତେ ସି.ଡି.ପି.ଓଙ୍କ ଜରିଆରେ ଜିଲ୍ଲାପାଳ ଓ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି।

ରାଜସ୍ୱପର୍ଷଦ ଚିତବିନୋଦନ କ୍ଲବର ନୂତନ ଗୃହ ଉଦ୍‌ଘାଟିତ

କଟକ, ୨୧/୨: ଆଜି ପୂର୍ବାହ୍ନରେ ରାଜସ୍ୱପର୍ଷଦ କାର୍ଯ୍ୟାଳୟ ପରିସରରେ ପର୍ଷଦର ଚିତବିନୋଦନ କ୍ଲବ ନୂତନ ଗୃହ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜସ୍ୱପର୍ଷଦର ମାନ୍ୟବର ସଭ୍ୟ ଶ୍ରୀ ବିପିନ ସାକ୍‌ସେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ନବନିର୍ମିତ କ୍ଲବଗୃହକୁ ଉଦଘାଟନ କରି କ୍ଲବର ସଦସ୍ୟମାନେ ଏହି ଗୃହଟିକୁ ନିଜର ସକାରାତ୍ମକ ମନୋବୃତି ସୃଷ୍ଟିପାଇଁ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ସରକାରୀ କର୍ମଚାରୀମାନେ ନିଜ ଭିତରେ ଥିବା କ୍ରୋଧ,ଘୃଣା ଓ ଇର୍ଷା ମନୋଭାବକୁ ପରିତ୍ୟାଗ କଲେ ଜୀବନର ମହତ୍ ଲକ୍ଷ୍ୟ ଶାନ୍ତି ଓ ସୁଖ ହାସଲ କରିପାରିବେ ଏବଂ ସରକାରୀ କାର୍ଯ୍ୟ ନିର୍ବାହପାଇଁ ନୂତନ ଉତ୍ସାହ ଓ ପ୍ରେରଣା ପାଇପାରିବେ ବୋଲି ମତପୋଷଣ କରିଥିଲେ। ଉଦଘାଟନୀ ଉତ୍ସବରେ ସଭାପତିତ୍ୱକରି ରାଜସ୍ୱ ପର୍ଷଦର ସଚିବ ତଥା କ୍ଲବର ସ୍ଥାୟୀ ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ସେଠୀ ନୂତନ କ୍ଲବ ଗୃହ ନିର୍ମାଣରେ ରାଜସ୍ୱପର୍ଷଦ ଚିତବିନୋଦନ କ୍ଲବ୍ କର୍ମକର୍ତା ଓ ସଦସ୍ୟ ମାନଙ୍କ ଅବିଶ୍ରାନ୍ତ ଉଦ୍ୟମ ପ୍ରଶଂସନୀୟ ବୋଲି ଉଲ୍ଲେଖ କରିଥିଲେ। କର୍ମଚାରୀମାନେ ଚିତବିନୋଦନ ସହିତ ଏକତାବଦ୍ଧ ହୋଇ ଓ ସହଯାଗୀ ମନୋଭାବ ନେଇ କର୍ତବ୍ୟପାଳନରେ ବ୍ରତୀ ହେବାକୁ ସେ ଆହ୍ୱାନ ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧରେ ଭୁବନ୍ଦୋବସ୍ତ ଓ ଚକବନ୍ଦୀ ନିର୍ଦ୍ଦେଶକ ଶ୍ରୀ ଉପେନ୍ଦ୍ର ନାଥ ମଲ୍ଲିକ, ଅବକାରୀ କମିଶନର ଶ୍ରୀ ଦେବେନ୍ଦ୍ର ମହାପାତ୍ର, ଭୁସଂସ୍କାର କମିଶନର ଶ୍ରୀ ସୁକଦେବ ସାହୁ, ଭୁସଂସ୍କାର ଅତିରିକ୍ତ କମିଶନର ଶ୍ରୀ ସୁରଥ ଚନ୍ଦ୍ର ମଲ୍ଲିକ, ରାଜସ୍ୱ ପର୍ଷଦ(ମୁଖ୍ୟଶାଖା) ଉପସଚିବ ଶ୍ରୀ ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଉଦବୋଧନ ଦେଇ ଏହି ପୁରାତନ କ୍ଲବଟି କର୍ମଚାରୀମାନଙ୍କର ଚିତବିନୋଦନ ସହିତ ବହୁ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ସାଧୁବାଦ ଜଣାଇବା ସଙ୍ଗେସଙ୍ଗେ ଅନୁଷ୍ଠାନର ଉତରୋତର ଉନ୍ନତି କାମନା କରିଥିଲେ। ରାଜସ୍ୱ ପର୍ଷଦ ଚିତବେନୋଦନ କ୍ଲବ ଅଭ୍ୟର୍ଥନା କମିଟିର ସଭାପତି ଶ୍ରୀ ମଧୁସୂଦନ ମଲ୍ଲିକ ୧୯୬୫ ମସିହାରେ ଗଠିତ ଏହି ଅନୁଷ୍ଠାନ ବହୁ ଘାତପ୍ରତିଘାତ ଦେଇ ଆସି, ଆଜିବି କାର୍ଯ୍ୟକ୍ଷମ ରହିଥିବା ବିଷୟରେ ଉଲ୍ଲେଖ କରିଥିବା ବେଳେ କ୍ଲବର ସମ୍ପାଦକ ଶ୍ରୀ ଶଶୀଭୂଷଣ ଆରଣ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଉପସଭାପତି ଶ୍ରୀ ଅନନ୍ତ ନାରାୟଣ ପ୍ରଧାନ, ଶ୍ରୀ ଭାଗ୍ୟଧର ସାହୁ ପ୍ରମୁଖ କ୍ଲବ ପକ୍ଷରୁ ରକ୍ତଦାନ ଶିବିର , ସ୍ୱାସ୍ଥ୍ୟ ଶିବିର,ବୃକ୍ଷ ରୋପଣ, ସ୍ୱଚ୍ଛଭାରତ ଅଭିଯାନ ଆଦି ନିଆଯାଉଥିବା କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ତଥ୍ୟପ୍ରଦାନ କରିବା ସହିତ କ୍ଲବର ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କ୍ଲବର ଅନ୍ୟତମ କର୍ମକର୍ତା ଶ୍ରୀ ଭୁପାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଆରଏସପି କର୍ମଚାରୀଙ୍କୁ ଆକ୍ରମଣ କରି ହରଡଘଣାରେ ନେତା

ରାଉରକେଲା, ୨୧/୨ : ରାଉରକେଲା ଇସ୍ପାତ କାରଖାନା ଅଧୀନସ୍ଥ ଇସ୍ପାତ ସହରାଞ୍ଚଳରେ ଜବରଦଖଲ ଏକ ପ୍ରମୁଖ ସମସ୍ୟା ଭାବରେ ଦେଖା ଦେଇଛି। ଯେଉଁଠି ପାରିଲା, ଯିଏ ଇସ୍ପାତ କାରଖାନାର ଜମି ମାଡ଼ି ବସିଲା। ଦୀର୍ଘ ଦିନ ଧରି ଏହି ଜବରଦଖଲ କାର୍ଯ୍ୟଟି ଚାଲି ଆସୁଛି। ଏହାକୁ ନେଇ ଅନେକ ସମୟରେ ଜବରଦଖଲକାରୀ ଓ ଇସ୍ପାତ କାରଖାନା କର୍ମଚାରୀଙ୍କ ଭିତରେ ବହୁ ବାଦବିବାଦ ଓ ଗଣ୍ଡଗୋଳ ମଧ୍ୟ ଚାଲି ଆସିଛି। ଏହାକୁ ନେଇ ବହୁ ମାମଲା କୋର୍ଟରେ ବିଚାରାଧୀନ ମଧ ଅଛି। ତେବେ ଜବରଦଖଲ ଉଛେଦ କରିବାକୁ ଯାଇଥିବା ଆରଏସପି କର୍ମଚାରୀଙ୍କୁ ମାଡମାରି ଜନୈକ ତଥାକଥିତ ନେତା ହରଡଘଣାରେ ପଡିବା ସହରରେ ଚର୍ଚ୍ଚା ହେଉଛି। ଗତ ଶୁକ୍ରବାର ଦିନ ସେକ୍ଟର-୧୬ରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଲା। ଇସ୍ପାତ କାରଖାନା ତରଫରୁ ଲିଜ୍ ଓ ଲାଇସେନ୍ସରେ ଶତାଧିକ ଲୋକଙ୍କୁ ଘର ଆବଣ୍ଟନ କରାଯାଇଛି। ଯେଉଁମାନେ ଲାଇସେନ୍ସ ଓ ଲିଜ୍‌ରେ ଘର ନେଇଛନ୍ତି, ସେମାନେ ନିଜର ଆବଣ୍ଟିତ ସ୍ଥାନରେ କିଛି ପରିମାଣରେ ଅଧିକ ଘର ନିର୍ମାଣ କରୁଛନ୍ତି। କିନ୍ତୁ ଅନେକ ଜାଗାରେ ଆବଶ୍ୟକତାଠୁ ଅଧିକ ଜାଗାରେ ଚାଲୁଥିବା ନିର୍ମାଣ କାର୍ଯ୍ୟକୁ କାରଖାନା କର୍ତୃପକ୍ଷଙ୍କ ତରଫରୁ ବିରୋଧ କରାଯାଉଛି। ଏହିଭଳି ଏକ ଘଟଣା ଦେଖାଯାଇଛି ସେକ୍ଟର-୧୬ ସ୍ଥିତ ଡି/୧୪୫, ଡି/୧୭୫ ଓ ଡି/୧୭୬ ଘରଠାରେ। ଏହି ଘରମାନଙ୍କର ଲାଇସେନ୍ସି ହୋଲ୍ଡରମାନଙ୍କୁ ଭେଟିବା ପାଇଁ ଓ ଅଧିକ ଜବରଦଖଲକୁ ନିଜେ ନିଜେ ହଟାଇ ନେବାକୁ ଅନୁରୋଧ କରିବାକୁ କାରଖାନାର ନିଜର ଉପମହାପ୍ରବନ୍ଧକ ଜି.ଆର. ଦାସ ଓ ଅନ୍ୟାନ୍ୟ ଶ୍ରମିକ, କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ପ୍ରଥମେ ଡି/୧୪୫ ଓ ଡି/୧୭୫ ଘରର ଲାଇସେନ୍ସି ହୋଲ୍ଡରମାନଙ୍କ ସହ କଥାବାର୍ତ୍ତା କରି ଶ୍ରୀ ଦାସ ଡି/୧୭୬ର ଲାଇସେନ୍ସ ହୋଲ୍ଡରଙ୍କୁ ଭେଟି କଥା ହେବାକୁ ଉଦ୍ୟମ କରୁଥିବା ସମୟରେ ଡି/୧୭୬ରେ ରହୁଥିବା ଜନୈକ ବ୍ୟକ୍ତି, ବସନ୍ତ ପ୍ରଧାନ ଓ ତାଙ୍କର ଦୁଇଜଣ ସମ୍ପର୍କୀୟ କର୍ମଚାରୀ ଓ ଅଧିକାରୀମାନଙ୍କୁ ଆକ୍ରମଣ କରିବା, ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଓ ଏପରିକି ଜାତିକୁ ନେଇ ଗାଳିଦେବା ଭଳି ସଂଗୀନ ମାମଲା ଶ୍ରୀ ପ୍ରଧାନଙ୍କ ନାମରେ ରୁଜୁ ହୋଇଛି। ଏହାକୁ ନେଇ ଇସ୍ପାତ କାରଖାନା କର୍ମଚାରୀ ଓ ଅଧିକାରୀ ମହଲରେ ଚାପା ଉତ୍ତେଜନା ଦେଖାଦେଇଛି। କାରଖାନା ସମ୍ପତ୍ତିର ସୁରକ୍ଷା ପାଇଁ କାର୍ଯ୍ୟରତ, ଶ୍ରମିକ-କର୍ମଚାରୀମାନଙ୍କୁ, କର୍ମକ୍ଷେତ୍ରରେ ଆବଶ୍ୟକୀୟ ସୁରକ୍ଷା ଯୋଗାଇ ନଦେଲେ କାମ କରିବେ ନାହିଁ ବୋଲି ଏବେ ନିଷ୍ପତ୍ତି ନିଆଯାଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି। ଏଥିରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ତୁରନ୍ତ ଗିରଫ କରିବାକୁ ବିଭିନ୍ନ ଶ୍ରମିକ ସଂଗଠନର ନେତୃମଣ୍ଡଳି ଦାବି କରିଛନ୍ତି। ଇସ୍ପାତ କାରଖାନାର ଅବ୍ୟବହୃତ ଜମିକୁ ବାସଚ୍ୟୁତ୍‌ମାନଙ୍କୁ ଫେରାଇ ଦେବାକୁ ଗୋଟିଏ ପଟେ ଦାବି ହେଉଥିବାବେଳେ, ଅନ୍ୟପଟେ ଲିଜ୍ ଓ ଲାଇସେନ୍ସଧାରୀମାନେ ବେଲଗାମ ଭାବରେ ଗୃହ ନିର୍ମାଣ କରିଚାଲିଛନ୍ତି। କାରଖାନା କର୍ମଚାରୀମାନଙ୍କୁ ଭୟଭୀତ କରି, ଆବଶ୍ୟକ ସ୍ଥଳେ ବାଡ଼ାପିଟା କରି ଜବରଦଖଲ କରିବା ଏବେ ସହରରେ ଏକ ବେପାର ପାଲଟି ଗଲାଣି। ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏକ ନିର୍ଭରଯୋଗ୍ୟ ସୂତ୍ରର ଖବର ଅନୁଯାୟୀ ମାମଲାକୁ ଦଫାରଫା କରିବାକୁ ବହୁ ତୁଙ୍ଗ ରାଜନୈତିକ ନେତା ମୁଣ୍ଡ ପୁରାଇଛନ୍ତି। ଗୋଟିଏ ପଟେ ଇସ୍ପାତ କାରଖାନା ଶ୍ରମିକ ଓ କର୍ମଚାରୀମାନଙ୍କ ମଧରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧୁଥିବାବେଳେ ରାଜନୈତିକ ହସ୍ତକ୍ଷେପରେ ମାମଲା ବନ୍ଦ କରିବାକୁ ଚାଲିଥିବା ଉଦ୍ୟମକୁ ଅନେକେ ନାପସନ୍ଦ କରିଛନ୍ତି।

ଚତୁର୍ଥ ଅନୁଗୋଳ ହସ୍ତଶିଳ୍ପ ମହୋତ୍ସବ ଉଦ୍‌ଘାଟିତ

ଅନୁଗୋଳ, ୨୧/୨: ସ୍ଥାନୀୟ ଷ୍ଟାଡିୟମ ପଡିଆ ସମ୍ମୁଖରେ ଚତୁର୍ଥ ଅନୁଗୁଳ ହସ୍ତଶିଳ୍ପ ମହୋତ୍ସବ-୨୦୧୮ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଅନିଲ କୁମାର ସାମଲଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ କୁଟୀରଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ସହିତ କଳା, ସାହିତ୍ୟ, ସାଂସ୍କୃତିକ ଉଜ୍ଜିବିତ କରିବା ପାଇଁ ଏହି ମେଳା ଉଦ୍ଦିଷ୍ଟ ବୋଲି ସମସ୍ତଙ୍କୁ ଦର୍ଶାଇଥିଲେ। ଜିଲ୍ଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ଶୀଯୁକ୍ତ ଶୈଳେନ୍ଦ୍ର ନାରାୟଣ ନାୟକ ବକ୍ତାଭାବରେ କୁଟୀରଶିଳ୍ପୀମାନଙ୍କ ନିମନ୍ତେ ଥିବା ସରକାରୀ ସ୍ତରର ବ୍ୟବସ୍ଥା ଓ ସହାୟତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୀତା ମେହେର ଲିଡବ୍ୟାଙ୍କ ମ୍ୟାନେଜର ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ହସ୍ତ ହସ୍ତଶିଳ୍ପୀମାନଙ୍କ ପାଇଁ ବ୍ୟାଙ୍କ ତରଫରୁ ବିଭିନ୍ନ ଋଣ ଓ ସହାୟତା ସହିତ ପ୍ରୋତ୍ସାହନ ରାଶି ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀନିବାସ ବେହେରା ଓ ଜିଲ୍ଲା ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଗଡନାୟକ ମଞ୍ଚାସୀନ ଥିଲେ। ଡୋଭର ସମ୍ପାଦକ ଅନିଲ କୁମାର ମିଶ୍ର ହସ୍ତଶିଳ୍ପ ମହୋତ୍ସବର ମହତ ଉଦ୍ଦେଶ୍ୟ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଡୋଭର ସଭାପତି ଡାକ୍ତର ସତ୍ୟନାରାୟଣ ସିଂହସାମନ୍ତ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଜିଲ୍ଲାପାଳ ଶ୍ରୀଯୁକ୍ତ ସାମଲଙ୍କୁ ଅନୁଗୁଳ ଗର୍ବ ଓ ଗୌରବ ସମ୍ମାନରେ ସମ୍ମାନିତ କରି ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ନାଟ୍ୟକାର ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ତୁଳସୀତନୟା, ସାଇଲକ୍ଷଣା, ବାଜି ରାଉତ ଛାତ୍ରାବାସର କଳାକାର, ଆଦ୍ରିଥ ଶିଶୁ ସଦନର କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା।